ବିଳାପକୁ ହୃଦୟରେ ଚାପିଦେଇ, ରାମଙ୍କୁ ସୁପୁରୁଷ ଏବଂ ଯୋଗ୍ୟ ରାଜାର ଆଖ୍ୟା ପାଇବାକୁ ସୁଯୋଗ ଦେଇଥିଲେ ।

ସେ ବି ନିଶବ୍ଦରେ ଦୂରେଇଗଲା ସେଇ ଘରଟିରୁ, ଯାହାକୁ ନିଜର କରିବା ପାଇଁ ଦଶବର୍ଷ କାଳ ଗୋଟିଏ ଗୋଟିଏ ମୁହୂର୍ତ୍ତକୁ ସେ ଯୋଡ଼ିଥିଲା । ସେ ବି ଚାଲିଗଲା ନିଶବ୍ଦରେ, ସୀତାଙ୍କ ଭଳି ପ୍ରତିବାଦର ସ୍ୱର ଉତ୍ତୋଳନ ନକରି । ହଁ, କେବଳ ଏତକି ପାର୍ଥକ୍ୟ ଥିଲା ସେ ସୀତାଙ୍କ ଭଳି ବନଗାମିନୀ ନ ହେଇ ସହରାଭିମୁଖୀ ଥିଲା ନିଜ କର୍ମସଂସ୍ଥାନ ଓ ନିଜ ଝିଅ ତଥା ନିଜ ପାଇଁ ଏକ ଠିକଣା ଯୋଗାଡ଼ରେ । ସେଇ ଘର, ଯାହାକୁ ଶ୍ୱଶୁରାଳୟ କୁହାଯାଏ ତାହା ରହିଗଲା ପଛରେ । ସେ ଘରେ କିନ୍ତୁ କେହି ଝୁରି ନଥିବେ ତା'କୁ, ଯେହେତୁ ସେମାନେ କେବେ ତା'କୁ ଆପଣାର ବୋଲି ସ୍ୱୀକାର କରିପାରି ନ ଥିଲେ ।

ଏକ ନୂତନ ସହର । ମା'ଟିଏ ଏବଂ ସାତବର୍ଷର ସାନ ଝିଅଟିଏ ଏବଂ ଅତି ଅଚିହ୍ନା ଅଜଣା ସହରଟିଏ । ଅସଂଖ୍ୟ ଘର ସେ ସହରରେ, ଘରଗୁଡ଼ିକରେ ଖୁନ୍ଦାଖୁନ୍ଦି ସହରଟି, ତା ପାଇଁ କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ ।

ନୂଆ ନୂଆ ଚାକିରିର ମାନସିକ ଚାପ ତା'କୁ ବାଧ କରିଥିଲା ଏକ ନିକଟ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେବାକୁ । କିନ୍ତୁ ତା'ର ମଧ୍ୟବିତ୍ତ ପରିବାରର ମାନସିକତା ହେଉ ଅବା ଆତ୍ମସମ୍ମାନକୁ ପ୍ରାଧାନ୍ୟ ଦେଉଥିବା ମନଟି ହେଉ, ପ୍ରତି ମୁହୂର୍ତ୍ତରେ ଚେତାଇ ଦେଉଥିଲା ଯେ, ସେ ଅନ୍ୟ କାହାର ଆଶ୍ରିତ । ନିଜେ ନିଜ ଆଖିରେ ଛୋଟ ହେଇ ପଡୁଥିଲା ସେ ଦିନକୁ ଦିନ ।

ବହୁ ଅସୁବିଧାର ସମ୍ମୁଖୀନ ହେଇ ସହକର୍ମୀଙ୍କ ସାହାଯ୍ୟରେ ଯୋଗାଡ଼ କଲା ନିଜ ପାଇଁ ଏକ ଘର । କିନ୍ତୁ ନୂଆ ଚାକିରିରେ ଅଧିକ ପଇସା ଦେଇପାରିବା ଅସମର୍ଥତା ଯୋଗୁଁ ଏକ ଛୋଟଘର ଏବଂ ତାହା ମଧ୍ୟ କିଛି ଅଳ୍ପଦିନ ପାଇଁ । କେବଳ ଆଠଟି ମାସ ପାଇଁ ଗୋଟିଏ ଆଶ୍ରୟସ୍ଥଳକୁ କ'ଣ ଘର କୁହାଯାଇପାରେ !! ବୋଧହୁଏ, 'ନା' । ହେଲେ ବି ସେ ଘର ଯେ ସେଇ ଆଠ ମାସ ପାଇଁ ସାଗରିକାର ନିଃଶ୍ୱାସ ଓ ଦୀର୍ଘ ନିଃଶ୍ୱାସକୁ ନିଜ ଭିତରେ ଲୁଚାଇଥିଲା, ହଁ । ତେଣୁ ସେ ବି ତା' ପାଇଁ ଘର ହିଁ ଥିଲା । କିନ୍ତୁ ଘରମାଲିକଙ୍କ ପାଇଁ ତା'ର ସୁଖ ଦୁଃଖର ହିସାବ ରଖିବା ଅପେକ୍ଷା ପଇସା ବେଶି ଦରକାରୀ ଥିଲା, ଆଉ ହେବା କଥା ମଧ୍ୟ । ତେଣୁ ତା'ର ସାମର୍ଥ୍ୟ ଅନୁଯାୟୀ ତା'କୁ ଉଠିବାକୁ ପଡ଼ିଲା ପୁଣି ଅନ୍ୟ ଏକ ଘରକୁ ।

ଅନ୍ୟ ଏକ ଘର, ଅନ୍ୟ ଏକ ଠିକଣା । କିନ୍ତୁ ଆମ ସମାଜର ଦୃଷ୍ଟିକୋଣ ଯେ "ଗୋଟିଏ ଏକାକିନୀ ବିବାହିତା ନାରୀ ନିଜର ଏକ ଛୋଟ ଝିଅ ସହିତ ଏକୁଟିଆ"କୁ ଅନେକ ସନ୍ଦେହର କାଠଗଡ଼ାରେ ଅତି ସହଜରେ ଠିଆ କରିଦିଏ । ତା'ର ପ୍ରତ୍ୟେକ ଉତ୍ତରକୁ ନିଜ ହିସାବରେ ରୂପଦେଇ ଅତିରଞ୍ଜିତ କରି ସଜାଇବାକୁ ଭଲପାଏ । ସେ ମଧ୍ୟ ଏମିତି ବିବାଦୀୟ ହେଇ ପଡୁଥିଲା ପାଖ ପଡ଼ୋଶୀ ଏବଂ ତୀକ୍ଷ୍ଣ ସନ୍ଦେହୀଙ୍କ ନଜରରେ । ବିନା ଦୋଷରେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଯଦିଓ ତା'ର ବିବେକ ବାଧା ଦେଉଥିଲା, ତେବେ ବି ନିଜ ଝିଅପାଇଁ ସେ ଏସବୁ କରିବାକୁ ବାଧ ହେଉଥିଲା । ଏମିତିରେ ସେଇ ଘରଟି ମଧ୍ୟ ତା' ପାଇଁ ଅସ୍ଥାୟୀ ସାବ୍ୟସ୍ତ ହେଲା ।

ଏମିତି କେତେବେଳେ ପଇସାର ଅସୁବିଧା, ତ କେତେବେଳେ ପରିବେଶର ସନ୍ଦେହୀପଣ ତ କେତେବେଳେ ପୁଣି ଘରମାଲିକଙ୍କର ମୁରବିପଣିଆ ତା'କୁ ତା' ବସାଘରୁ ଉଠିବାକୁ ବାଧ କରୁଥିଲା ପ୍ରତ୍ୟେକ ବର୍ଷେ/ଦୁଇବର୍ଷ ଅନ୍ତରରେ । ଥକି ପଡୁଥିଲା ସାଗରିକା ବେଳକୁ ବେଳ । ରାତ୍ରିର ବହଳ ଅନ୍ଧକାରରେ ଝିଅକୁ ନିରାପଦ ଆଶ୍ରୟର ପ୍ରତିଶ୍ରୁତି ଦେବାପାଇଁ ଖୁବ୍ ପାରିବା ପଣରେ ଦୃଢ଼ ଦେଖାଯାଉଥିବା ମୁହଁଟି କିନ୍ତୁ ଝିଅ ଶୋଇପଡ଼ିଲା ପରେ ତା' ଆଢୁଆଳରେ ଅତି ନିରାଶ୍ରୟ, ବାସହୀନା ହେବାର ଦୁଃଖରେ, କ୍ଷୋଭରେ ଜର୍ଜରିତା ହେଇ ବିଳପି ଉଠୁଥିଲା ।

ବହୁ କଷ୍ଟରେ ଏଇ ଘର ର/୧୯ ଟିକୁ ସେ ଦୀର୍ଘ ଦୁଇବର୍ଷ ପାଇଁ ଭଡ଼ା ସୂତ୍ରରେ ଯୋଗାଡ଼ କରି ପାରିଥିଲା । ସେଇଥିପାଇଁ ମନ ଭିତରୁ ବହୁତ ଆଶ୍ୱସ୍ତି ଅନୁଭବ କରୁଥିଲା ସେ ।

xxx

ସେତିକିବେଳେ ଅତି ନିକଟରୁ ଏକ ମହିଳାଙ୍କ ସ୍ୱର ଶୁଣି ଦୁଇ ଆଣ୍ଠୁ ମଝିରୁ ମୁଣ୍ଡ ଉଠାଇ ଦେଖିଲା । ଜଣେ ଭଦ୍ରମହିଳା ଦ୍ୱାରବନ୍ଧରେ ମୁଣ୍ଡ ଗଳାଇ ଜିଜ୍ଞାସୁ ଦୃଷ୍ଟିରେ ତା'କୁ ପଚାରିଲେ- "ଓଃ, ଆପଣ ତା'ହେଲେ ଏ ଘରେ ଭଡ଼ାରେ ରହିଲେ, ନୁହେଁ !! ହଁ, କିଏ କିଏ ସବୁ ଅଛନ୍ତି ଆପଣଙ୍କର ? ?" ଏମିତି ପ୍ରଶ୍ନବାଣ ସବୁ ତା'ଉପରେ ବିଛେଇ ହେଇ ପଡୁଥିଲା ଗୋଟିଏ ପରେ ଗୋଟିଏ ।

ସାଗରିକା ବସିଥିବା ଚୌକିରୁ ଉଠି ଠିଆ ହେଲା ଏବଂ ଅତି ଥକି ପଡ଼ିଥିବା ସ୍ୱରରେ କହିଲା- "ଆରେ ! ଆପଣ ଠିଆ ହେଇ ରହିଲେ ଯେ ! ହଁ, ବସିବା ପାଇଁ କିଛି ନାହିଁ ବି ! କେଉଁଠି କ'ଣ ପଡ଼ିଛି, ତା'ର ଠିକଣା ନାହିଁ । ଏମିତି ଗୋଟାଏ ସପ୍ତାହ କିମ୍ବା ତା'ଠୁ ଅଧିକ ସମୟ ଲାଗିଯିବ ବୋଧେ ଏସବୁ ଜିନିଷ ସଜାଡ଼ିବାରେ ।"

ଭଦ୍ରମହିଳା ଜଣକ ବନ୍ଧୁତା ବଢ଼ାଇବା ସ୍ୱରରେ ପୁଣି କହିଲେ- "ଆରେ, ନା !! ବ୍ୟସ୍ତ ହୁଅନ୍ତୁନି । ମୁଁ ବସିବିନି । ଏଇ ଆପଣଙ୍କର କାନ୍ଥ ଆର ପାଖ ଘରଟି ଆମର । ଆମେ ଆପଣଙ୍କର ପଡ଼ୋଶୀ ହେବୁ । କିନ୍ତୁ ଆପଣ ଏକୁଟିଆ ଦେଖାଯାଉଛନ୍ତି ଯେ । ସ୍ୱାମୀ, ପରିବାର କେହି ଦେଖାଯାଉ ନାହାନ୍ତି କେମିତି ? ?"

ସାଗରିକା ବଡ଼ ସାହସ ସଞ୍ଚୟ କରି କହିଲା- "ନା, ଏଠି କେବଳ ମୁଁ । ମୋ ଛୋଟ ଝିଅକୁ ନେଇ ଏକୁଟିଆ ରହିବି । ମୁଁ ଏଠି ଶିକ୍ଷୟିତ୍ରୀ ଅଛି, ଏଇ ପାଖ ସରକାରୀ ବିଦ୍ୟାଳୟରେ । ସ୍ୱାମୀ, ପରିବାର ଗାଁଆଁରେ ।"

ଭଦ୍ର ମହିଳାଙ୍କ ମୁହଁର ଭାବ ସେଇ ମୁହୂର୍ତ୍ତରେ ତା' କଥା ଶୁଣି ବଦଳିଗଲା ପରି ସାଗରିକାକୁ ବୋଧ ହେଲା । କିଞ୍ଚିତ୍ ଭ୍ରୁକୁଞ୍ଚନ କରି ସେ ପ୍ରତ୍ୟୁତ୍ତର ଫୋପାଡ଼ି ଦେଉଥିଲେ, "ହଁ ! ପରିବାର ଥାଇ ପୁଣି ଏଇଠି ଏମିତି ଏକୁଟିଆ । ହଁ... ହେଇଥିବ... କେଜାଣି... ଆଜିକାଲି କାହା କଥା କ'ଣ ବା କିଏ ଜାଣିବ !!"

ତାଙ୍କ ଉତ୍ତରରେ ସାଗରିକାର ଆଖିରୁ କେତେବେଳେ ଯେ ଲୁହ ଦୁଇଧାର ଗଡ଼ିଆସି ଗାଲକୁ ସିକ୍ତ କରି ପକେଇଥିଲା, ସେ ଜାଣିପାରି ନଥିଲା । ଭିତରୁ ଝିଅ ମା', ମା' ଡାକି ଡାକି ପହଞ୍ଚିଲା । ପଚାରୁଥାଏ